# NATIONAL NEWS BULLETIN (ODIA)

## 4 July 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ରାଜସ୍ଥାନ ଓ ଗୁଜରାଟ ଗସ୍ତରେ ଯାଇ ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ଏଲ୍ ନିନୋ ପ୍ରଭାବରେ ସ୍ୱାଭାବିକଠାରୁ କମ୍ ବର୍ଷା ଓ ଏହାର ପ୍ରଭାବ ନେଇ ସ୍ଥିତି ସମୀକ୍ଷା କଲେ ସରକାର
- ୧ ଟ୍ରିଲିୟନ୍ ଆମେରିକୀୟ ଡଲାର ରପ୍ତାନୀ ଲକ୍ଷ୍ୟ ପୂରଣ ପାଇଁ ଦେଶ ଅଗ୍ରସର ହେଉଛି, କହିଲେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ
- ଜୈସେ ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀ ସହ ସଂପୃକ୍ତି ଅଭିଯୋଗରେ ୮ ଜଣଙ୍କୁ ଗିରଫ କଲା ଗୁଜରାଟ ଏଟିଏସ୍

ଏବଂ

- ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍

# ପିଏମ୍‌-ଭିଜିଟ୍‌ ରାଜସ୍ଥାନ-ଗୁଜୁରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ରାଜସ୍ଥାନ ଓ ଗୁଜୁରାଟ ଗସ୍ତରେ ଯାଉଛନ୍ତି । ପ୍ରଥମେ ରାଜସ୍ଥାନ ଯାଇ ଶ୍ରୀ ମୋଦୀ ଯୋଧପୁର ବିମାନ ବନ୍ଦରରର ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବେ । ୪୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ନୂଆ ଟର୍ମିନାଲ କୋଠା ବାର୍ଷିକ ୨୦ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେବ । ଶ୍ରୀ ମୋଦୀ ଯୋଧପୁରଠାରେ ମଧ୍ୟ ପରିବର୍ତ୍ତିତ ଉଡାଣ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନାରେ ବିମାନ ଉଡାଣ ଆଧାରିତ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ।

ପରେ ଶ୍ରୀ ମୋଦୀ ବଲୋତ୍ରା ଗସ୍ତ କରି ୧ଲକ୍ଷ ୬ହଜାର କୋଟି ଟଙ୍କାରୁ ଅଧିକ ବିଭିନ୍ନ ବିକାଶମୂଳକ ଯୋଜନା ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ । ଏହିସବୁ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ପେଟ୍ରୋକେମିକାଲ୍ସ, ରେଳ, ସଡ଼କ, ଶକ୍ତି ଏବଂ ସହରାଞ୍ଚଳ ପରିବହନ ଆଦି କ୍ଷେତ୍ର ରହିଛି । ଶ୍ରୀ ମୋଦୀ ପଚପଦରାଠାରେ ବାର୍ଷିକ ୯ ମିଲିୟନ ମେଟ୍ରିକ୍‌ ଟନ୍‌ କ୍ଷମତାବିଶିଷ୍ଟ ପ୍ରଥମ ଗ୍ରୀନ୍‌ଫିଲ୍ଡ ରିଫାଇନାରୀ ତଥା ପେଟ୍ରୋ କେମିକାଲ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ରାଜସ୍ଥାନ ସରକାର ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ୍‌ ଲିମିଟେଡ୍‌ ଦ୍ୱାରା

ମିଳିତ ଭାବେ ଅଣାଅଶୀ ହଜାର ୪୫୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି ।

ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଜୟପୁର ମେଟ୍ରୋ ରେଳ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଶିଳାନ୍ୟାସ କରିବେ । ଏଥିଲାଗି ୧୩ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ୧ ହଜାର ମେଗାୱାଟ୍ ବିଶିଷ୍ଟ ବିକାନେର ସୌର୍ଯ୍ୟଶକ୍ତି ପ୍ରକଳ୍ପର ଉଦ୍‌ଘାଟନ ସହ ୫୩୦ କିଲୋମିଟର ଦୀର୍ଘ ପାୱାର ଟ୍ରାନ୍ସମିଶନ ବ୍ୟବସ୍ଥାର ଶିଳାନ୍ୟାସ କରିବେ । ଶ୍ରୀ ମୋଦୀ ରାଜସ୍ଥାନ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ୫୪ ହଜାର ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବାର କାର୍ଯ୍ୟସୂଚୀ ରହିଛି ।

ସଂଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଜୁରାଟ ଗସ୍ତ କରି ଅହମ୍ମଦାବାଦର ସାନନ୍ଦଠାରେ ସେମିକଣ୍ଡକ୍ଟର ଆସେମ୍ବ୍ଲିଂ ଏବଂ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିବେ । ୭ହଜାର ୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଭାରତର ସେମି କଣ୍ଡକ୍ଟର ନିର୍ମାଣ କ୍ଷେତ୍ରକୁ ଆହୁରି ଉନ୍ନତ କରିବ ବୋଲି କୁହାଯାଇଛି । ଏହି ଅବସରରେ ଆୟୋଜନ ହେବାକୁ ଥିବା ସଭାରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀ ଉପସ୍ଥିତ ରହିବେ ।

# ଶାହା-ଏଲ୍ ନିନୋ ମିଟିଂ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏଲ୍ ନିନୋ ପ୍ରଭାବରେ ସ୍ୱାଭାବିକଠାରୁ କମ୍ ବର୍ଷା ଏବଂ ଏହାର ପ୍ରଭାବ ନେଇ ସମୀକ୍ଷା କରିଛନ୍ତି । ବୈଠକରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ଶ୍ରୀ ଶାହା କହିଛନ୍ତି, ସରକାର ସ୍ୱାଭାବିକଠାରୁ କମ୍ ବର୍ଷା ଜନିତ ସ୍ଥିତି ଓ ଦେଶର କେତେକ ଅଞ୍ଚଳରେ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଶ୍ରୀ ଶାହା କୃଷି ମନ୍ତ୍ରଣାଳୟ ସମେତ ଅନ୍ୟ ମନ୍ତ୍ରଣାଳୟ ଗୁଡ଼ିକୁ ସତର୍କ ରହିବା ଏବଂ ରାଜ୍ୟ ସରକାରଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି କୃଷକମାନଙ୍କୁ ଆବଶ୍ୟକ ପରାମର୍ଶ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଶାହା ଜଳସମ୍ପଦ ବିଭାଗକୁ ଦେଶର ସମସ୍ତ ଜଳଭଣ୍ଡାରର ସ୍ଥିତି ନିରୀକ୍ଷଣ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, କମ୍ ପାଣି ଆବଶ୍ୟକ ପଡୁଥିବା ମିଲେଟ୍ ଏବଂ ଡାଲିଜାତୀୟ ଫସଲ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଅନ୍ୟପକ୍ଷରେ କମ୍ ବର୍ଷା ଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀ ଶାହା ଶକ୍ତି ମନ୍ତ୍ରଣାଳୟକୁ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଜାରି ରଖିବା ନିମନ୍ତେ ପଦକ୍ଷେପ ନେବାକୁ କହିଛନ୍ତି । ବୈଠକରେ ଶ୍ରୀ ଶାହା କହିଛନ୍ତି, ଦେଶରେ ଅତ୍ୟାବଶ୍ୟକ ଖାଦ୍ୟଶସ୍ୟ ପର୍ଯ୍ୟାପ୍ତ ପରିମାଣର ମହଜୁଦ ରହିଛି ।

## ସୀତାରମଣ-ଫ୍ରାନ୍ସ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ରୋଲାଣ୍ଡ ରେସ୍କିଓର ଗତକାଲି ପ୍ରୋଭେନ୍ସ ସହରରେ ଭାରତ-ଫ୍ରାନ୍ସ ଅର୍ଥନୈତିକ ଏବଂ ଆର୍ଥିକ ଆଲୋଚନାରେ ସହ-ଅଧ୍ୟକ୍ଷତା କରିଥିଲେ । ଉଭୟ ନେତା ଆର୍ଥିକ ବିକାଶ ପାଇଁ ଭାରତରେ ଫ୍ରାନ୍ସ ବିକାଶ ଏଜେନ୍ସୀର କାର୍ଯ୍ୟକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମ୍ଭାବନାକୁ ସ୍ୱାଗତ କରିଥିଲେ । ଉଭୟ ମନ୍ତ୍ରୀ ଏହି ମଞ୍ଚକୁ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଅର୍ଥନୈତିକ, ଆର୍ଥିକ,ପ୍ରଯୁକ୍ତିବିଦ୍ୟା, ନିବେଶ ଏବଂ ବାଣିଜ୍ୟ ମାମଲାଗୁଡ଼ିକ ସମାଧାନ ଦିଗରେ ବ୍ୟବହାର କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

## ଗୋୟଲ୍-ଟ୍ରେଡ୍ ମିଟିଂ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତ ୧ ଟ୍ରିଲିୟନ୍ ଆମେରିକୀୟ ଡଲାର ରପ୍ତାନୀ ଲକ୍ଷ୍ୟ ପୂରଣ କରିବା ଲାଗି ଅଗ୍ରସର ହେଉଛି । ଚଳିତ ଆର୍ଥିକବର୍ଷର ପ୍ରଥମ ୩ ମାସରେ ନିର୍ଦ୍ଧାରିତ ଲକ୍ଷ୍ୟର ୧୫ ପ୍ରତିଶତ ପୂରଣ ହୋଇଥିବା ସେ କହିଛନ୍ତି ।

ଗତକାଲି ନୂଆଦିଲ୍ଲୀରେ ଏକ ବାଣିଜ୍ୟିକ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଛନ୍ତି ୧ ଟ୍ରିଲିୟନ୍ ଆମେରିକୀୟ ଡଲାର ରପ୍ତାନୀ ଲକ୍ଷ୍ୟ ପୂରଣ ଲାଗି ରପ୍ତାନୀ ପରିମାଣ ୪୪୦ ବିଲିୟନରୁ ୫୩୦ ବିଲିୟନ

ଆମେରିକୀୟ ଡଲାରକୁ ବୃଦ୍ଧି କରିବାକୁ ପଡ଼ିବ । ସେହିପରି ସେବା ସମ୍ବନ୍ଧୀୟ ରପ୍ତାନୀ ପରିମାଣ ୧୨୧ରୁ ୪୭୦ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି କରିବା ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ ଗୁରୁତ୍ୱାରୋପ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ବିଶ୍ୱସ୍ତରରେ ବ୍ୟବସାୟିକ ଅଭିବୃଦ୍ଧି ନିର୍ଦ୍ଧାରିତ ଆକଳନ ଅନୁଯାୟୀ ହୋଇନଥିବା ବେଳେ ଭାରତର ରପ୍ତାନୀ ପରିମାଣ ସର୍ବାଧିକ ୮୬୩ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା ।

## ଇରାନ-ଖାମେନେଇ ଫନେରାଲ୍

ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ସ୍ୱର୍ଗତଃ ଆୟାତୋଲ୍ଲା ସୟେଦ୍ ଅଲ୍ଲି ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ବିହାର ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ୍ ଅତା ହସ୍‌ନେନ୍ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରିଟା ଯୋଗ ଦେଇଛନ୍ତି । ଉଭୟ ଭାରତର ପ୍ରତିନିଧି ଭାବେ ଇରାନ ଗସ୍ତରେ ଯାଇ ଦିବଂଗତ ନେତା ତଥା ଯୁଦ୍ଧରେ ପ୍ରାଣ ହରାଇଥିବା ଲୋକମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଶ୍ରୀ ମାର୍ଗାରିଟା କହିଛନ୍ତି ସେମାନେ ଭାରତ ସରକାର ଓ ସମସ୍ତ ଭାରତୀୟଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ଅମରନାଥ ଯାତ୍ରା

ଜାମ୍ମୁ କାଶ୍ମୀରରେ ଶ୍ରୀଅମରନାଥ ଯାତ୍ରା ପାଇଁ  ପ୍ରତିଦିନ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଜାମ୍ମୁରେ ପହଞ୍ଚିବା ଆରମ୍ଭ କରିଛନ୍ତି । ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଜାମ୍ମୁ ଅଞ୍ଚଳ ଉତ୍ସବମୁଖର ହୋଇଛି । ଜାମ୍ମୁ ସ୍ମାର୍ଟସିଟି ପକ୍ଷରୁ ତାୱି ନଦୀରେ ବୋଟିଂ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ।

# ଗୁଜରାଟ-ଆରେଷ୍ଟ

ପାକିସ୍ତାନ ସ୍ଥିତ ପ୍ରତିବନ୍ଧିତ ଆତଙ୍କବାଦୀ ଗୋଷ୍ଠୀ ଜୈସେ ମହମ୍ମଦ ସହ ସଂପୃକ୍ତ ୮ ଜଣଙ୍କୁ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାର୍ଡ-ଏଟିଏସ୍ ଗିରଫ କରିଛି । ସେମାନଙ୍କୁ ଗତକାଲି ଗୁଜରାଟ ଓ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିବା ଜଣାପଡ଼ିଛି । ଗୁଜରାଟ ଏଟିଏସ୍‌ର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ପାକିସ୍ତାନର ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ସଂପର୍କରେ ରହି ଜୈସେ ମହମ୍ମଦ ପାଇଁ କାର୍ଯ୍ୟ କରୁଥିଲେ ଏବଂ ଗୁଜରାଟରେ ସକ୍ରିୟ ନେଟୱର୍କ ସ୍ଥାପନ ଲାଗି ଉଦ୍ୟମ ଚଳାଇଥିଲେ । ଗିରଫ ବ୍ୟକ୍ତିମାନେ ଜୈସେ ମହମ୍ମଦର ବାର୍ତ୍ତାକୁ ଗୁଜରାଟୀ ଭାଷାରେ ଅନୁବାଦ କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରସାର କରିବା ପାଇଁ ଉଦ୍ୟମ କରୁଥିଲେ । ଏଟିଏସ୍ ପକ୍ଷରୁ ଚଢ଼ାଉ କରାଯାଇ ୨୫୪ଟି ପୁସ୍ତିକା, ଜୈସେ ମହମ୍ମଦର ପତାକା ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ

କରାଯାଇଛି । ଗିରଫ ବ୍ୟକ୍ତିମାନଙ୍କୁ ୧୪ ଦିନିଆ ପୋଲିସ୍ ହେପାଜତକୁ ପଠାଯାଇଥିବା କୁହାଯାଇଛି ।

# ଡିଏସି-ଡିଫେନ୍ସ ଫୋର୍ସ

ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ୫୨ ହଜାର କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ଦେଶର ପ୍ରତିରକ୍ଷା ବାହିନୀକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଅତ୍ୟାଧୁନିକ ଯୁଦ୍ଧ ସାମଗ୍ରୀ ଏବଂ ଶତ୍ରୁ ପକ୍ଷର ଉପଗ୍ରହ ତଥା କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ଯୁଦ୍ଧାସ୍ତ୍ର ନିମନ୍ତେ ଏହି ଅର୍ଥ ବ୍ୟୟ କରାଯିବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆକାଶ ତରଙ୍ଗ ଭଳି ଇଲେକ୍ଟ୍ରୋନିକ୍ସ ଯୁଦ୍ଧ ବ୍ୟବସ୍ଥା ସେନାବାହିନୀକୁ ନିଜର ପ୍ରତିରକ୍ଷା ନିମନ୍ତେ ପ୍ରଦାନ କରାଯିବ । ସେହିଭଳି ଏମ୍.ଆର୍.ଏସ୍.ଏ.ଏମ୍. ବ୍ୟବସ୍ଥା ମାଧ୍ୟମରେ ବାୟୁସେନାକୁ ଅଧିକ ସୁଦୃଢ଼ କରାଯାଇପାରିବ । ସେହିଭଳି ନୌସେନା ଲାଗି ମଲ୍ଟି ଇନ୍‌ଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇଣ୍ଡ ଭଳି ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନିମନ୍ତେ ଏହି ପ୍ରସ୍ତାବରେ ଉଲ୍ଲେଖ ରହିଛି ।

# ୱେଦର୍

ଓଡ଼ିଶା ସମେତ ଗୁଜରାଟ, କୋଙ୍କଣ, ଗୋଆ, ମହାରାଷ୍ଟ୍ର ଏବଂ ପଶ୍ଚିମ ମଧ୍ୟପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ବିଭାଗ ପକ୍ଷରୁ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି ।

# ମେନ୍ସ କ୍ରିକେଟ୍ ଟି-୨୦

ପୁରୁଷ କ୍ରିକେଟ୍‌ରେ ଆଜି ମାଞ୍ଚେଷ୍ଟରରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଖେଳାଯିବ । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା । ଆସନ୍ତା ୭ ତାରିଖରେ ନଟିଂହାମ୍‌ରେ ତୃତୀୟ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ । ଶେଷ ଦୁଇଟି ମ୍ୟାଚ୍ ବ୍ରିଷ୍ଟଲ ଏବଂ ସାଉଥଆମ୍ପଟନ୍‌ରେ ଖେଳାଯିବ । ଏହି ସିରିଜ୍ ପରେ ଭାରତ-ଇଂଲଣ୍ଡ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହେବ ।